# NATIONAL NEWS BULLETIN (ODIA)
## 07th May - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ଭାରତୀୟ ସେନାର ଅପରେସନ୍ ସିନ୍ଦୂର ପ୍ରତି ଐକ୍ୟଭାବ ପ୍ରଦର୍ଶନ କଲା ବିଶ୍ୱ ସମୁଦାୟ ।
- ଅପରେସନ୍ ସିନ୍ଦୂର୍‌ରେ ଇତିହାସ ରଚିଲା ଭାରତୀୟ ସଶସ୍ତ୍ର ବାହିନୀ; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଦେଶର ୨୪୪ଟି ସ୍ଥାନରେ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜିତ ।
- ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ ପାଇଁ ନିବେଦନ କଲା ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଇଡେନ୍ ଗାର୍ଡେନ୍‌ରେ ଟସ୍ ଜିତି ବ୍ୟାଟିଂ କରୁଛି କୋଲ୍‌କାତା ନାଇଟ୍ ରାଇଡର୍ସ ।

# ଏୟାର ଷ୍ଟ୍ରାଇକ୍ - ଓ୍ୱାର୍ଲଡ୍ ରିଆକ୍ସନ୍

ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀରର ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଅପରେସନ୍ ସିନ୍ଦୂର ଅଧୀନରେ ଆକ୍ରମଣ କରିବା ପରେ ବିଶ୍ୱ ସମୁଦାୟ ଭାରତ ପ୍ରତି ଐକ୍ୟଭାବ ପ୍ରଦର୍ଶନ କରିଛି । ଇସ୍ରାଏଲ୍ ଆତଙ୍କବାଦରୁ ନିଜକୁ ସୁରକ୍ଷିତ ରଖିବାପାଇଁ ଭାରତର ଅଧିକାରକୁ ସମର୍ଥନ କରିଛି । ଭାରତରେ ଅବସ୍ଥାପିତ ଇସ୍ରାଏଲ୍‌ର ରାଷ୍ଟ୍ରଦୂତ ରୁଭେନ ଆଜାର୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି, ଇସ୍ରାଏଲ୍ ଭାରତର ଆତ୍ମରକ୍ଷା ଅଧିକାରକୁ ସମର୍ଥନ କରୁଛି ଏବଂ ନିରୀହ ଲୋକଙ୍କ ବିରୋଧରେ ସୃଷ୍ଟି କରୁଥିବା ଜଘନ୍ୟ କାର୍ଯ୍ୟକଳାପ ଯୋଗୁଁ ଆତଙ୍କବାଦୀଙ୍କୁ ଲୁଚି ରହିବାର କୌଣସି ସ୍ଥାନ ନାହିଁ ।

ରୁଷ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି, ରୁଷ୍ ସମସ୍ତ ପ୍ରକାର ଆତଭ୍‌କବାଦ କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛି ଏବଂ ଏହାର ପ୍ରଭାବଶାଳୀ ମୁକାବିଲାପାଇଁ ବିଶ୍ୱସ୍ତରୀୟ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛି ।

ଜାପାନ ବୈଦେଶିକ ମନ୍ତ୍ରୀ ଇଓ୍ୱାୟା ଟାକେସି ଆତଙ୍କବାଦ ବିରୋଧରେ ଜାପାନର ଦୃଢ଼ ଆଭିମୁଖ୍ୟକୁ ଦୋହରାଇବା ସହ ଉଭୟ ଦେଶକୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ କରିଛନ୍ତି ।

ଜର୍ମାନୀର ବୈଦେଶିକ ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମରେ ବିବୃତ୍ତି ଜାରି କରି ଶାନ୍ତି ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି । ଉଭୟ ଭାରତ ଓ ପାକିସ୍ତାନ ସହ ଜର୍ମାନୀ ଯୋଗାଯୋଗରେ ରହିଛି ଏବଂ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ।

କତାର ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ ରହମାନ ବିନ୍ କାସିମ୍ ଅଲ୍ ଥାନି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ କଥା ହୋଇଛନ୍ତି ଏବଂ ଆଲୋଚନା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଭାବେ ଘଟଣାର ସମାଧାନ କରିବାକୁ କହିଛନ୍ତି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଶୀଘ୍ର ଶେଷ ହେବାନେଇ ଆଶାବ୍ୟକ୍ତ କରିଛନ୍ତି ।

ଅନ୍ୟପକ୍ଷରେ ବ୍ରିଟେନ୍ ଉଭୟ ଦେଶକୁ ସଂଯମତା ପ୍ରଦର୍ଶନ ସହ କୂଟନୈତିକ ଆଲୋଚନା ଜରିଆରେ ସମାଧାନର ଉପାୟ ଖୋଜିବା ଲାଗି ପରାମର୍ଶ ଦେଇଛି । ବ୍ରିଟେନ୍‌ର ବୈଦେଶିକ ସଚିବ ଡେଭିଡ୍ ଲାମି କହିଛନ୍ତି ପହଲ୍‌ଗାମରେ ହୋଇଥିବା ଆକ୍ରମଣକୁ ବ୍ରିଟେନ୍ ଦୃଢ଼ଭାବେ ନିନ୍ଦା କରିଛି । ସାଧାରଣ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଛି ।

# ରାଜନାଥ - ଅପରେସନ୍ ସିନ୍ଦୂର

ଅପରେସନ୍ ସିନ୍ଦୂରରେ ଭାରତୀୟ ସଶସ୍ତ୍ର ବାହିନୀ ନିଜର ବୀରତ୍ୱ ଓ ସାହସ ପ୍ରଦର୍ଶନ କରି ଇତିହାସ ରଚିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ସେ କହିଛନ୍ତି, ସଶସ୍ତ୍ର ବାହିନୀ ଏହି ଅଭିଯାନ ସମୟରେ ସଠିକତା, ସତର୍କତା ଏବଂ ସମ୍ବେଦନଶୀଳତା ସହିତ କାର୍ଯ୍ୟ କରି ନିର୍ଦ୍ଧାରିତ ରଣନୀତି ଅନୁଯାୟୀ ଲକ୍ଷ୍ୟ ହାସଲ କରିଥିଲା । ନୂଆଦିଲ୍ଲୀରେ ୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ୫୦ଟି ସୀମା ସଡ଼କ ସଙ୍ଗଠନ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ସିଂହ ଏହା କହିଛନ୍ତି । ଏହି ଅପରେସନ୍ ସମୟରେ କୌଣସି ସାଧାରଣ ନାଗରିକଙ୍କୁ କ୍ଷତି ନ ପହଞ୍ଚାଇବା ସୁନିଶ୍ଚିତ କରି ସଶସ୍ତ୍ର ବାହିନୀ ନିଜର ସମ୍ବେଦନଶୀଳତା ପ୍ରଦର୍ଶନ କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

***Voice (Rajnath)*** :.........

ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ ନୂଆଦିଲ୍ଲୀରେ ଆଜି ରାଜ୍ୟ ଜମ୍ମୁ-କାଶ୍ମୀର, ଲଦାଖ୍, ସିକ୍କିମ୍, ମିଜୋରାମ୍, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଏବଂ ରାଜସ୍ଥାନରେ ୧ ହଜାର ୮୭୯ କୋଟି ଟଙ୍କା ବ୍ୟୟ ଅଟକଳରେ ୫୦ଟି ସଡ଼କ ପ୍ରକଳ୍ପର ପ୍ରତିରକ୍ଷା ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏଥିରେ ୧୭ଟି ସଡ଼କ, ୩୦ଟି ସେତୁ ଏବଂ ଅନ୍ୟାନ୍ୟ ୩ଟି ପ୍ରକଳ୍ପ ରହିଛି ।

## ପି.ଏମ୍. - ଅପରେସନ୍ ସିନ୍ଦୂର

ଅପରେସନ୍ ସିନ୍ଦୂର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଏ ସମ୍ପର୍କରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ଏବଂ ଅସ୍ଥାୟୀ ସଦସ୍ୟମାନଙ୍କୁ ବୈଦେଶିକ ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ ଅବଗତ କରାଯାଇଛି।

## ଶାହା - ସି.ଏମ୍. ମିଟିଂ

ଅପରେସନ୍ ସିନ୍ଦୂର ଅଭିଯାନ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ଦେଶର ମୁଖ୍ୟମନ୍ତ୍ରୀ, ପୁଲିସ୍ ମହାନିର୍ଦ୍ଦେଶକ ଏବଂ ରାଜ୍ୟ ମୁଖ୍ୟ ଶାସନ ସଚିବମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ସିକ୍କିମ ଓ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ଲଦାଖ ଏବଂ ଜମ୍ମୁ-କାଶ୍ମୀର ଉପରାଜ୍ୟପାଳମାନେ ଉପସ୍ଥିତ ଥିଲେ ।

## ମକ୍ ଡ୍ରିଲ୍

କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବେସାମରିକ ପ୍ରତିରକ୍ଷା ପ୍ରସ୍ତୁତିର ମୂଲ୍ୟାଙ୍କନ ପାଇଁ ଆଜି ଦେଶର ୨୪୪ଟି ନିର୍ଦ୍ଦିଷ୍ଟ ବେସାମରିକ ପ୍ରତିରକ୍ଷା ଜିଲ୍ଲାରେ’ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ଆୟୋଜନ କରାଯାଇଛି ।

## ମକ୍‌ଡ୍ରିଲ୍

ଓଡ଼ିଶାର ୧୨ଟି ସ୍ଥାନରେ ସୁରକ୍ଷା ସଂପର୍କିତ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର, ବାଲେଶ୍ୱର, କୋରାପୁଟ, ଗୋପାଳପୁର, ହୀରାକୁଦ, ପାରାଦ୍ୱୀପ, ରାଉରକେଲା, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ତାଳଚେରଠାରେ ବେସାମରିକ ସୁରକ୍ଷା ସମ୍ପର୍କିତ ମକ୍‌ଡ୍ରିଲ୍ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣ ୪ଟାରେ ମକ୍‌ଡ୍ରିଲ୍ ପାଇଁ ସାଇରନ୍ ବାଜିଥିଲା। ବିଶେଷକରି ଶତ୍ରୁପକ୍ଷ ବିମାନ ଆକ୍ରମଣ କଲେ ଗ୍ରହଣ କରାଯିବାକୁ ଥିବା ପ୍ରତିଷେଧମୂଳକ ବ୍ୟବସ୍ଥା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ।

ହାଇଦ୍ରାବାଦର ୪ଟି ସ୍ଥାନରେ ଆଜି ବେସାମରିକ ପ୍ରତିରକ୍ଷା ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି । ଦେଶର ପ୍ରସ୍ତୁତିକୁ ପରୀକ୍ଷଣ ଏବଂ ସୁଦୃଢ଼ କରିବାପାଇଁ ଦେଶବ୍ୟାପୀ ଚାଲିଥିବା ଏହି ଅଭ୍ୟାସର ଅଂଶସ୍ୱରୂପ ବେସାମରିକ ପ୍ରତିରକ୍ଷା ବାହିନୀର କର୍ମଚାରୀମାନେ ଆଜି ଅପରାହ୍ଣ ୪ଟାରେ ଏଥିରେ ଭାଗ ନେଇଥିଲେ । ହାଇଦ୍ରାବାଦର ସମଗ୍ର ସହରରେ ଏୟାର୍ ରେଡ୍ ସାଇରନ୍ ୨ ମିନିଟ୍ ପର୍ଯ୍ୟନ୍ତ ବାଜିଥିଲା । ଏହି ସମୟରେ ଲୋକମାନଙ୍କୁ ନିକଟସ୍ଥ କୋଠାଗୁଡ଼ିକରେ ଆଶ୍ରୟ ନେବାକୁ ପୁଲିସ୍ ନିବେଦନ କରିବା ସହ ଘର ଓ ଦୋକାନଗୁଡ଼ିକରେ ଥିବା ଲୋକଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ଦେଇଥିଲା । ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍., ଅଗ୍ନିଶମ ବାହିନୀ, ପୁଲିସ୍, ଟ୍ରାଫିକ୍, ସ୍ୱାସ୍ଥ୍ୟ, ରେଳ, ରାଜସ୍ୱ, ଏନ୍.ସି.ସି., ସ୍କାଉଟ୍ ଓ ଗାଇଡ୍ ତଥା ବେସାମରିକ ସଂସ୍ଥାର କର୍ମଚାରୀମାନେ ଏହି ମକ୍‌ଡ୍ରିଲ୍‌ରେ ଅଂଶଗ୍ରହଣ କରିଥିଲେ । ସିକନ୍ଦରାବାଦ, କାଞ୍ଚନବାଗ୍, ନାନଲ୍ ନଗର, ନାଚାରାମ ଏନ୍.ଏଫ୍.ସି. ଅଞ୍ଚଳରେ ଏହି ମକ୍‌ଡ୍ରିଲ୍‌ର ଆୟୋଜନ ହୋଇଥିଲା ।

## ଛତିଶଗଡ଼ କିଲ୍‌ଡ୍

ଛତିଶଗଡ଼ରେ ଆଜି ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୨୨ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ବିଜାପୁର ଜିଲ୍ଲାର କର୍ଗୋଟା ପାହାଡ଼ରେ ମାଓବାଦୀ ଓ ସୁରକ୍ଷା ବାହିନୀ ମଧ୍ୟରେ ଗୁଳି ବିନିମୟ ଘଟିଥିଲା । ଏଥିରେ

ସି.ଆର୍.ପି.ଏଫ୍., ଜିଲ୍ଲା ରିଜର୍ଭ ବାହିନୀ, ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏବଂ ପୁଲିସ୍ ସମେତ ବିଭିନ୍ନ ବାହିନୀର ସୁରକ୍ଷା କର୍ମଚାରୀ ସାମିଲ୍ ଅଛନ୍ତି । ଏପର୍ଯ୍ୟନ୍ତ ୨୨ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ନକ୍ସଲ୍ ବିରୋଧୀ ଅଭିଯାନ ଜାରି ରହିଛି ।

## ଏନ୍.ଆଇ.ଏ. - ପହଲଗାମ୍

ପହଲଗାମଠାରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ବନ୍ଧୀୟ ତଥ୍ୟ, ଫଟୋ କିମ୍ବା ଭିଡ଼ିଓ ସେୟାର କରିବାକୁ ଜାତୀୟ ତଦନ୍ତକାରୀ ସଂସ୍ଥା - ଏନ୍.ଆଇ.ଏ. ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଛି । ଏଥିପାଇଁ ଏନ୍.ଆଇ.ଏ. ପକ୍ଷରୁ ମୋବାଇଲ୍ ନମ୍ବର ୯୬୫୪୯୫୮୮୧୬ କିମ୍ବା ଲ୍ୟାଣ୍ଡ୍ ଲାଇନ୍ ନମ୍ବର ୦୧୧-୨୪୩୬୮୮୦୦ରେ କଲ୍ କରି ଏହି ସୂଚନା ଦେବାପାଇଁ ଅନୁରୋଧ କରାଯାଇଛି । ଆକ୍ରମଣର ବିଭିନ୍ନ ଦିଗ ଦର୍ଶାଉଥିବା ବହୁସଂଖ୍ୟକ ଫଟୋ ଏବଂ ଭିଡ଼ିଓକୁ ଏନ୍.ଆଇ.ଏ. ଯାଞ୍ଚ୍ କରୁଛି । ମାନବିକତା ବିରୋଧୀ ଏଭଳି ଭୟଙ୍କର ଅପରାଧ ତଦନ୍ତରେ ଯେପରି କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ପ୍ରମାଣ ହାତଛଡ଼ା ନ ହୁଏ, ଏନ୍.ଆଇ.ଏ. ପକ୍ଷରୁ ଏହି ପ୍ରୟାସକୁ ଜୋର୍‌ଦାର୍ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏନ୍.ଆଇ.ଏ. କହିଛି, ପର୍ଯ୍ୟଟକ ଏବଂ ଅନ୍ୟମାନେ ଅଜାଣତରେ କିମ୍ବା ଜାଣତରେ ହେଉ, ଯଦି କିଛି ପ୍ରାସଙ୍ଗିକ

ବିବରଣ ଦେଖିଥିବେ କିମ୍ବା ଶୁଣିଥିବେ ଅଥବା ନିଜ କ୍ୟାମେରାରେ ରଖିଥିବେ, ତେବେ ଏନ୍.ଆଇ.ଏ.କୁ ଏହା ହସ୍ତାନ୍ତର କଲେ ଏହି ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହଜ ହେବ । ଏନ୍.ଆଇ.ଏ. ପହଲଗାମ୍ଠାରେ ଉପସ୍ଥିତ ରହି ଏହି ଆତଙ୍କବାଦୀ ଆକ୍ରମଣର ବିଭିନ୍ନ ଦିଗ ଉପରେ ତର୍ଜମା କରି ପ୍ରମାଣ ଏକାଠି କରିବାପାଇଁ ଉଦ୍ୟମ କରୁଥିବା ସୂଚନା ମିଳିଛି ।

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଜାତୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉନ୍ନତୀକରଣ ଯୋଜନା ଏବଂ ଦକ୍ଷତା ବୃଦ୍ଧି ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ ମଞ୍ଜୁରୀ ମିଳିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏହି ଯୋଜନା ପାଇଁ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ଦେଶର ୧ ହଜାର ସରକାରୀ ଆଇ.ଟି.ଆଇ.'ର ବିକାଶ କରାଯିବ। ଏହି ଯୋଜନାରେ ଭୁବନେଶ୍ୱର ସମେତ ୫ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷାର ଉନ୍ନତି ତଥା ଭିତ୍ତିଭୂମିର ବିକାଶ ନେଇ ପଦକ୍ଷେପ ନିଆଯିବ। ଏଥିସହ ୫୦ ହଜାର ପ୍ରଶିକ୍ଷକଙ୍କୁ ପ୍ରାକ୍ସେବା ଓ ଚାକିରିକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯିବ। କ୍ୟାବିନେଟ୍ରେ ଦେଶର ୫ଟି ଆଇ.ଆଇ.ଟି'ର ଶୈକ୍ଷିକ ଓ ଭିତ୍ତିଭୂମି

ସମ୍ପ୍ରସାରଣ ପାଇଁ ମଧ୍ୟ ୧୧ ହଜାର ୮୨୮ କୋଟି ୭୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ।

## ପଞ୍ଜାବ - ଆକ୍ସିଡେଣ୍ଟ

ପଞ୍ଜାବର ପାଟିଆଲାଠାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୬ ଜଣ ସ୍କୁଲ୍ ଛାତ୍ରଙ୍କର ପ୍ରାଣହାନି ଘଟିଛି । ପାଟିଆଲା ଏସ୍.ପି. ପଲ୍‌ବିନ୍ଦର ସିଂହ ଚିମାଙ୍କ ସୂଚନା ଅନୁସାରେ ଛାତ୍ରଛାତ୍ରୀମାନେ ଏକ ଘରୋଇ ବସ୍‌ରେ ସ୍କୁଲ୍‌ରୁ ଘରକୁ ଫେରୁଥିବାବେଳେ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ୫ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

## ଏଲ୍.ଓ.ସି. - ଫାୟାରିଂ

ଜମ୍ମୁ-କାଶ୍ମୀରର ପୁଞ୍ଛ ଏବଂ ତଙ୍ଗଧାର ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକ ଉପରେ ଗତକାଲି ରାତିରେ ପାକିସ୍ତାନୀ ସେନା ପକ୍ଷରୁ ଗୁଳିଗୋଳା ବର୍ଷଣ

କରାଯାଇଛି । ପ୍ରତିରକ୍ଷା ସୂତ୍ରରୁ ପ୍ରକାଶ, ଏଥିରେ ୧୫ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୪୩ ଜଣ ଆହତ ହୋଇଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍.ର କ୍ରିକେଟ୍‌ରେ  ଆଜି କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ କୋଲକାତାର ଇଡେନ୍ ଗାର୍ଡ଼େନଠରେ ମୁକାବିଲା ଜାରି ରହିଛି । କୋଲ୍‌କାତା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଛି ।

ଗତକାଲି ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ' ମୁମ୍ବାଇ ଇଣ୍ଡିଆନ୍ସକୁ ଡକ୍‌ଓ୍ୱର୍ଥ-ଲିଓ୍ୱିସ୍-ଷ୍ଟର୍ଣ୍ଣ - ଡି.ଏଲ୍.ଏସ୍. ପଦ୍ଧତିରେ ପରାସ୍ତ କରିଥିଲା ।

*****